# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 595 CUTTACK, MONDAY, APRIL 12, 2021/CHAITRA 22, 1943**


## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

ତାରିଖ 17 ଫେବ୍ରୁଆରୀ 2021

ସଂଖ୍ୟା 19—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତିତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାର ଟିଟିଲାଗଡ–ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା ଡୁମେରମୁଣ୍ଡା (ଅତିରିକ୍ତ), ଥାନା/ତହସିଲ କେସିଙ୍ଗା, ଜିଲ୍ଲା, କଳାହାଣ୍ଡିରେ ନିମ୍ନ ତଫସିଲମତେ ପ୍ରାୟ ରକବା ଏ. ୦.୨୨୦ ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ— ଟିଟିଲାଗଡ – ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ—ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ବିଶାଖାପାଟଣା ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ—ସାର୍ବଜନୀନ ଉଦ୍ଦେଶ୍ୟରେ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ—ଉକ୍ତ ପ୍ରକଳ୍ପ ପାଇଁ SIA STUDY VIDE NO SIA – 416/ NCDS, Dt. 17-08-2019 ଦ୍ରଷ୍ଟବ୍ୟ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ—ଉପଜିଲ୍ଲାପାଳ, ଭବାନୀପାଟଣା ।

୬ । ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ୍ ନମ୍ବର | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କଳାହାଣ୍ଡି | କେସିଙ୍ଗା | ଡୁମେରମୁଣ୍ଡା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏ ୨.୧୦୦ | ଏ ୦.୨୨୦ | ଏଥିସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଟିଟିଲାଗଡ – ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କଳାହାଣ୍ଡି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ଭୂମି ଅନୁସୂଚୀ**

ବ୍ୟକ୍ତିଗତ ଜମି –

| କ୍ରମିକ ନମ୍ବର | ଖତିଆନ ନମ୍ବର | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | କିସମ | ରୟତଙ୍କ ନାମ, ପିତାଙ୍କ ନାମ / ସ୍ୱାମୀଙ୍କ ନାମ |
|---|---|---|---|---|---|---|
| (୧) | (୨) | (୩) | (୪) (ଏକରରେ) | (୫) (ଏକରରେ) | (୬) | (୭) |
| ୧ | ୧୬ | ୧୮ | ୦.୩୬୦ | ୦.୦୬୦ | ଆଟ | ଉଛବ ସାହୁ, ପି. କାର୍ତ୍ତିକ ସାହୁ, ଜା. ତେଲି, ବା. ନିଜଗାଁ । |
| ୨ | ୧୦୯ | ୨୧ / ୧୫୧୩ | ୧.୬୦୦ | ୦.୧୩୦ | ବାହାଲ | ନିଳମଣି ମାଝୀ, କୁଳମଣି ମାଝୀ, ନିଳାମ୍ବର ମାଝୀ, ପି. ଲେଲା ମାଝୀ, ଧନଦେଇ ମାଝୀ, ସ୍ୱା.ଲେଲା ମାଝୀ, ଜା. କନ୍ଧ, ବା. ନିଜଗାଁ । |
| ୩ | ୬ | ୬୩୬ | ୦.୦୮୦ | ୦.୦୧୦ | ମାଳ | ଅର୍ଜୁନ ଗଉଡ, ପି. କେନ୍ଦା ଗଉଡ, ଜା. ଗଉଡ, ବା. ନିଜଗାଁ । |
| ୪ | ୨୨୪ | ୬୩୭ | ୦.୦୬୦ | ୦.୦୨୦ | ମାଳ | କୋଦଣ୍ଡଧର ସାହୁ, ଗୁପ୍ତେଶ୍ୱର ସାହୁ, ତ୍ରୈଲୋଚନ ସାହୁ, ରମେଶ ସାହୁ, ପି. ହରେକୃଷ୍ଣ ସାହୁ, ମଇନା ସାହୁ,ଭଗବାନ ସାହୁ,କାର୍ତ୍ତିକ ସାହୁ, ପି.ରାଜକୁମାର ସାହୁ, ଚିନ୍ତାମଣି ସାହୁ, ବିମା ସାହୁ, ଦୁଆଳ ସାହୁ, ପି.କୁଳମଣୀ ସାହୁ, କ୍ଷୀର ସିନ୍ଧୁ ସାହୁ, ପି. ବାନ୍ଧବ ସାହୁ, ମହେନ୍ଦ୍ର ସାହୁ, ପୁର ସାହୁ, ବିଦ୍ୟା ସାହୁ, ପି. ଲକ୍ଷ୍ମୀଧର ସାହୁ, ଜା. ତେଲି, ବା. ନିଜଗାଁ । |
| | | **ମୋଟ ..** | **୨.୧୦୦** | **୦.୨୨୦** | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଗାଭାଲି ପରାଗ ହର୍ଷଦ୍**

ଜିଲ୍ଲାପାଳ, କଳାହାଣ୍ଡି

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz.48—173+9